୦୧/୧୧/୧୯୯୮

# ବସଂତବାବୁଂକ ଅଦ୍ଭୁତ ମାନସିକତା

ଜଳସଂପଦ ବିଭାଗର ନୂତନ ଭବନକୁ ରାଜୀବଂକ ନାମରେ ନାମିତ କରି ଉଦ୍‌ଘାଟନ କରିବା ଅବସରରେ ବସଂତବାବୁ ଯେଉଁସବୁ ଯୁକ୍ତି ଓ ତଥ୍ୟର ଅବତାରଣା କରିଛଂତି, ତାହାକୁ ସକଳ ଉଦାରତା ସତ୍ତ୍ୱେ ଗ୍ରହଣ କରି ହେଉନାହିଁ। ବିବାଦୀୟ ଜଳସଂପଦ ଭବନଟି ଆଜି ଆମ ପ୍ରଶାସନିକ ବ୍ୟବସ୍ଥା, ରାଜନୈତିକ ଦଳଗୁଡ଼ିକର ଆଭିମୁଖ୍ୟ ଏବଂ ଆମର କ୍ଷମତାସୀନ ନେତାମାନଂକର ମାନସିକତା ସଂପର୍କରେ ଏପରି ଅନେକ ପ୍ରଶ୍ନ ଉତ୍‌ଥାପନ କରୁଛି, ଯାହାର ସଂତୋଷଜନକ ଉତ୍ତର ପାଇବା ଆମର ସର୍ବନିମ୍ନ ଗଣତଂତ୍ରିକ ଅଧିକାର ବୋଲି ଆମେ ବିଚାର କରୁ। ଭବନର କଳ୍ପନା, ଯୋଜନା, ଶିଳାନ୍ୟାସ ଓ ଉଦ୍‌ଘାଟନ ସବୁ ସ୍ତରରେ ଅନିୟମିତତା, ଦୁର୍ନୀତି ଓ ପ୍ରିୟାପ୍ରୀତି ତଥା ଅଦ୍ଭୁତ ମାନସିକତାର ପରିଚୟ ମିଳୁଛି।

ପ୍ରଥମ ପ୍ରଶ୍ନ ହେଲା, ଏପରି ଏକ ଭବନର ଆବଶ୍ୟକତା ଥିଲା କି ନାହିଁ ? ଯଦି ଥିଲା, ତାହା ଏପରି ଆଡ଼ଂବରପୂର୍ଣ୍ଣ ଓ ବ୍ୟୟସାପେକ୍ଷ ହେବାର ଥିଲା କି ? ଗରିବ କୃଷକର ନାଆଁ ନେଇ, ବିଶ୍ୱବ୍ୟାଂକ୍‌ରୁ ଋଣ କରି ଆମେ ଆଗାମୀ ଶତାବ୍ଦୀର ଆମ ଉତ୍ତରପୁରୁଷମାନଂକ ପାଇଁ କେଉଁ ମୂଲ୍ୟବୋଧ ଛାଡ଼ି ଯାଉଛୁ ? ନିର୍ଧାରିତ ସମୟର ଚାରିମାସ ପୂର୍ବରୁ ଭବନ ନିର୍ମାଣ ସଂପୂର୍ଣ୍ଣ କରିପାରିଥିବା ନେଇ ଆଜି ଆମେ ଡିଂଡିମ ପିଟୁଛୁ। କିଂତୁ ଏଥିପାଇଁ ନିର୍ଧାରିତ ବ୍ୟୟ ଅଟକଳର କେତେଗୁଣ ଅଧିକ ଅର୍ଥ ଶ୍ରାଦ୍ଧ କରିଛୁ, ତା'ର ହିସାବ ରଖିଛୁ କି ? ମାନ୍ୟବର ଉପମୁଖ୍ୟମଂତ୍ରୀ ମହୋଦୟ ଭୀମଭୋଇଂକର କବିତା ଆବୃତ୍ତିଠାରୁ ଆରଂଭ କରି ସବୁ କିଛି କହିଲେ। କିଂତୁ ଏ ହିସାବ ଦେବା ପାଇଁ ଏତେ କୁଂଠିତ କାହିଁକି ? ଆମ ହିସାବରେ ଏହା ଭୀମ ଭୋଇଂକ ପ୍ରତି ଏକ ଉପହାସ। ବିଭାଗ ତରଫରୁ ବଂଟା ଯାଇଥିବା ରଂଗିନ୍ ସୂଚନା-ପତ୍ରରେ ୪୪ ହଜାର ବର୍ଗଫୁଟ ପରିମିତ ଭବନ ପାଇଁ ପ୍ରଥମେ ୩ କୋଟି ୨୪ ଲକ୍ଷ ଟଂକାର ବ୍ୟୟ ଅଟକଳ କରାଯାଇଥିଲା। ତେବେ କେତେ ଟଂକା ଖର୍ଚ୍ଚ ହୋଇ ଏହା ନିର୍ଧାରିତ ସମୟର ୪ ମାସ ପୂର୍ବରୁ ସଂପୂର୍ଣ୍ଣ ହେଲା, ସେକଥା ସୂଚାଇବା ପାଇଁ କେହି ପ୍ରସ୍ତୁତ ନୁହଂତି। ଆମ ଅନୁସଂଧାନରୁ ଆମେ ଯାହା ଜାଣିବାକୁ ପାଇଛୁ ପ୍ରାୟ ୧୪ କୋଟି ଟଂକା ଖର୍ଚ୍ଚ ସରିଲାଣି। ଅଭ୍ୟଂତରୀଣ ସାଜସଜ୍ଜା ଏବଂ ଅନ୍ୟାନ୍ୟ ଆନୁଷଂଗିକ ଖର୍ଚ୍ଚକୁ ମିଶାଇଲେ ଏହା ୧୮ କୋଟିରେ ପହଂଚିବ ବୋଲି ଅନୁମାନ କରାଯାଉଛି। ଅବଶ୍ୟ ଇତିମଧ୍ୟରେ ୪୪ ହଜାର ବର୍ଗଫୁଟର ଆବଶ୍ୟକତା ୧ ଲକ୍ଷ ୨୪ ହଜାର ବର୍ଗଫୁଟକୁ

## ଆମ ଘରର ହାଲଚାଲ

## ସୌମ୍ୟ ରଂଜନ ପଟ୍ଟନାୟକ

ବୃଦ୍ଧି ପାଇଛି। ଏହି ତଥ୍ୟଗୁଡ଼ିକୁ ଯଦି ସାଧାରଣ ଭାବେ ଗ୍ରହଣ କରାଯାଏ, ତା'ହେଲେ ମୂଳ ଅଟକଳର ପ୍ରତି ବର୍ଗଫୁଟର ମୂଲ୍ୟ ୭୩୬ ଟଂକା ହୋଇଥିବାବେଳେ ଭବନଟି ସଂପୂର୍ଣ୍ଣ ହେବା ବେଳକୁ ପ୍ରତି ବର୍ଗଫୁଟକୁ ଆମକୁ ୧୧୨୯ ଟଂକା ମୂଲ୍ୟ ଦେବାକୁ ପଡ଼ିଛି। ରାଜଧାନୀ ଭୁବନେଶ୍ୱର ସହରରେ ଉଭୟ ସରକାରୀ ଓ ବେସରକାରୀ ଭାବରେ ବହୁ ଭବନ ନିର୍ମାଣ ହୋଇଛି। ସେଗୁଡ଼ିକରେ ବର୍ଗଫୁଟ ପ୍ରତି କେତେ ଖର୍ଚ୍ଚ ହେଉଛି, ସେ ବିଷୟରେ ମାନ୍ୟବର ଉପମୁଖ୍ୟମଂତ୍ରୀ ମହୋଦୟ ସଚେତନ ଅଛଂତି କି ? ଭୁବନେଶ୍ୱରରେ ବହୁତଳ ବିଶିଷ୍ଟ ଅଟ୍ଟାଳିକାଗୁଡ଼ିକରେ ପ୍ରତି ବର୍ଗଫୁଟକୁ ୬୫୦ ଟଂକା ମୂଲ୍ୟ ଦେଲେ ଯାହାକୁ ଯେତେ ସ୍ଥାନ ମିଳିପାରୁଛି। ଏଥିରେ ପୁଣି ବ୍ୟବସାୟୀମାନଂକର ଲାଭ ମିଶି ରହିଛି। ସରକାର କାହିଁକି ୭୩୬ ଟଂକାର ବର୍ଦ୍ଧିତ ଅଟକଳକୁ ଆହୁରି ବୃଦ୍ଧି କରି ୧୧୨୯ ଟଂକା ଖର୍ଚ୍ଚ କରିବେ ? ପ୍ରଥମେ ୪୪ ହଜାର ବର୍ଗଫୁଟ ଆବଶ୍ୟକତା ଥିଲାବେଳେ ପରେ କେଉଁବେଳେ ଓ କେଉଁ ପରିସ୍ଥିତିରେ ଏହାକୁ ୧ ଲକ୍ଷ ୨୪ ହଜାର ବର୍ଗଫୁଟକୁ ବୃଦ୍ଧି କରାଗଲା, ସେଥି ନେଇ ମଧ୍ୟ ସଂଦେହ ରହିଯାଉଛି। ଏହା ଦ୍ୱାରା ନିର୍ମାଣ କାର୍ଯ୍ୟ ପାଇଥିବା ସଂସ୍ଥାକୁ ପୁଣି ତିନିଗୁଣ ଅଧିକ ଅନୁକଂପା ପ୍ରଦର୍ଶନ କରାଗଲା ନାହିଁ କି ? ନିର୍ଧାରିତ ସମୟର ୪ ମାସ ପୂର୍ବରୁ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିପାରିଛି ବୋଲି ବାହାସ୍ଫୋଟ ମାରୁଥିବା ବିଭାଗ ଓ ସଂସ୍ଥା ଯଦି ଜଳସେଚନ ଯୋଜନାଗୁଡ଼ିକୁ ସଂପୂର୍ଣ୍ଣ କରିବାରେ ସେତିକି ତତ୍ପରତା ଦେଖାଂତେ, ତେବେ ସଦା ବନ୍ୟା ଓ ମରୁଡ଼ି ପ୍ରପୀଡ଼ିତ ଓଡ଼ିଶାର କୃଷକ ଭାଇମାନେ ବସଂତବାବୁଂକ ପ୍ରତି ଚିର କୃତଜ୍ଞ ରହଂତେ। ଭବନର ଅଭ୍ୟଂତରୀଣ ସାଜସଜ୍ଜା ନେଇ ବିବାଦ ମଧ୍ୟ ଏବେ ତୁଟିନାହିଁ। ଉଦ୍‌ଘାଟନ ଉତ୍ସବ ସଂପର୍କରେ ମଧ୍ୟ ଅନେକ କୌତୂହଳୋଦ୍ଦୀପକ ପ୍ରଶ୍ନ ମନକୁ ଆସୁଛି। ହଠାତ୍ ଦିନେ ଖବର ପ୍ରକାଶ ପାଇଲା ଯେ, ମାନ୍ୟବର ଉପମୁଖ୍ୟମଂତ୍ରୀ ଜଳ ସଂପଦ ଭବନ ଭିତରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରୁଛଂତି। ସେ ପୂଜାସ୍ଥାନକୁ ସାଂବାଦିକମାନଂକଠାରୁ ଆରଂଭ କରି ଅନ୍ୟ କାହାରିକୁ ଛଡ଼ା ଯାଇନଥିଲା। ସତେ ଯେପରି ଭବନଟି ତାଂକର ବ୍ୟକ୍ତିଗତ ସଂପତ୍ତି। ପୁଣି ଲକ୍ଷାଧିକ ଟଂକା ବ୍ୟୟ କରି ଗତ ୩୦ ତାରିଖରେ ଆଉ ଥରେ ଆନୁଷ୍ଠାନିକ ଉତ୍ସବର କ'ଣ ଆବଶ୍ୟକତା ଥିଲା ? ସବୁ ସ୍ତରରେ ବ୍ୟୟ ସଂକୋଚନର କଥା କୁହାଯାଉଥିବାବେଳେ ଏହା କେଉଁ ମୂଲ୍ୟବୋଧ ଓ ମାନସିକତାର ପରିଚୟ ଦେଉଛି ? ଉଦ୍‌ଘାଟନ ଉତ୍ସବର ପ୍ରସ୍ତୁତି ଓ ପ୍ରଚାରରେ ମଧ୍ୟ ଅନିୟମିତତା ଓ ପ୍ରିୟାପ୍ରୀତିର ସ୍ପଷ୍ଟ ସୂଚନା ମିଳୁଛି। ଏ ସଂପର୍କିତ ବିଜ୍ଞାପନ ନିର୍ଦ୍ଦିଷ୍ଟ କେତୋଟି ଖବରକାଗଜରେ ପ୍ରକାଶ ପାଇଥିବାବେଳେ ମାନ୍ୟବର ଉପମୁଖ୍ୟମଂତ୍ରୀଂକ ସହ ସଂପର୍କ ଥିବା ଖବରକାଗଜରେ ତାହା ରଂଗିନ ହୋଇ ପ୍ରକାଶ ପାଇଥିଲା। ରଂଗିନ୍ ବିଜ୍ଞାପନର ମୂଲ୍ୟ ଧଳା-କଳା ବିଜ୍ଞାପନଠାରୁ ଦୁଇଗୁଣ। ମାନ୍ୟବର ଉପମୁଖ୍ୟମଂତ୍ରୀ ନିଜ ପାଇଁ ସବୁବେଳେ ଦୁଇଗୁଣରୁ ଅଧିକ ଆୟ କରିବାରେ ବୋଧହୁଏ ଅଭ୍ୟସ୍ତ ହୋଇଯାଇଛଂତି। ପୁଣି ତାଂକ ଦ୍ୱାରା ଅନୁକଂପା ଲାଭ କରିଥିବା ଗେହ୍ଲା ନିର୍ମାଣ ସଂସ୍ଥା ସେହି ଖବରକାଗଜରେ ସରକାରୀ ବିଜ୍ଞାପନଠାରୁ ଆହୁରି ଦୁଇଗୁଣ ଅଧିକ ମୂଲ୍ୟର ରଂଗିନ୍ ବିଜ୍ଞାପନ ଛାପିଛଂତି। ଏହା କାକତାଳିକ ନ୍ୟାୟ ନୁହେଁ। ବିଗତ ଦିନଗୁଡ଼ିକରେ ଏହି ସଂସ୍ଥା ଏହିପରି ଭାବରେ ପାଇଥିବା ଅନୁକଂପାର ପ୍ରତିଦାନ ଦେଇଆସିଛି। ସରକାରୀ ଅଟକଳକୁ ବହୁଗୁଣରେ ବୃଦ୍ଧି କରି ହରିଲୁଟ ଧନକୁ ବାଂଟିନେବାର ଏହା ଏକ ଅଭିନବ ଉପାୟ ନୁହେଁ କି ?

ଏସବୁ ପ୍ରଶ୍ନ ଅଂତରାଳରେ ହୋଇଥିବା ସରକାରୀ ଅପବ୍ୟୟ ଆମକୁ ଯେତିକି ବ୍ୟଥିତ କରୁନାହିଁ, ତା'ଠାରୁ ଅଧିକ ବିବ୍ରତ କରୁଛି ଏହା ପଛରେ ରହିଥିବା ମାନସିକତା। ଆମ ବିଚାରରେ ସାମଗ୍ରିକ ଏବଂ ବ୍ୟକ୍ତିଗତ ଜୀବନ ମଧ୍ୟରେ ଯେଉଁ ବିଭାଜକ ରେଖା ଆମ ଗଣତଂତ୍ର ଓ ସାମାଜିକ ମୂଲ୍ୟବୋଧକୁ ପରିପୁଷ୍ଟ କରିଛି, ବସଂତବାବୁ ସେ ବିଷୟରେ ଆଦୌ ସଚେତନ ନୁହଂତି। ତାଂକ ବିଚାରରେ ଓଡ଼ିଶା ତାଂକର ବ୍ୟକ୍ତିଗତ ସଂପତ୍ତି ଏବଂ ଓଡ଼ିଶା ସରକାରର ପ୍ରତ୍ୟେକ ବ୍ୟକ୍ତି ତାଂକର ହଳିଆ। ଏହା ଆମ ଗଣତଂତ୍ର ପାଇଁ ଆଦୌ ଶୁଭଂକର ନୁହେଁ। ଯେଉଁମାନେ ଏ ପ୍ରକାର ମାନସିକତାକୁ ଉତ୍ସାହିତ କରୁଛଂତି ବା ବରଦାସ୍ତ କରୁଛଂତି, ସେ ମୁଖ୍ୟମଂତ୍ରୀ ହୁଅଂତୁ ବା ମୁଖ୍ୟଯଂତ୍ରୀ, ମୁଖ୍ୟ ଶାସନ ସଚିବ ହୁଅଂତୁ ବା ଚତୁର୍ଥ ଶ୍ରେଣୀ କର୍ମଚାରୀ, ସମସ୍ତେ ଆମର ଉତ୍ତରପୁରୁଷଂକ ନିକଟରେ ଉତ୍ତରଦାୟୀ ରହିବେ।